# ସତ୍ୟବାଣୀ

## THE VOICE OF TRUTH

SEP & OCT, 2000

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth

CHURCH OF CHRIST
P.O. Box NO. 80, KAKINADA,
A.P. - 533 001
PH : 0884 - 363722

Vol. 5 September & October, 2000 No. 5

Published every two months in Oriya Language for the Restoration of pure New Testament Christianity

**FREE !** **FREE!!** **FREE !!!**

**Study the Bible in the quite of your own home. Enroll yourself in the BASIC BIBLE COURSE in Oriya language. Complete the course and obtain a copy of Oriya Holy Bible absolutely free! Send your address today to :**

**THE DIRECTOR**
**BIBLE CORRESPONDENCE COURSE**
**P.O. Box. No. 80, KAKINADA - 533 001**

# ସତ୍ୟ ବାଣୀ

# VOICE OF TRUTH

Vol - V . KAKINADA SEPT - OCT.


"ଈଶ୍ୱର ଯାହା ସଂଯୁକ୍ତ କରିଅଛନ୍ତି,
ମନୁଷ୍ୟ ତାହା ବିଭିନ୍ନ ନକରୁ"

( Therefore what God has joined togather
let not man Separat )

ବିବାହ ଓ ଛାଡ଼ପତ୍ର ବିଷୟକ ଏକ ପ୍ରଶ୍ନର ଉତ୍ତରରେ ପ୍ରଭୁଯୀଶୁ ଖ୍ରୀଷ୍ଟ ଏହି ବାକ୍ୟ ଉଚ୍ଚାରିତ କରିଥିଲେ । ଯାହା ଆମ୍ଭେ-ମାନେ ମାଥିଉ ୧୯ : ୬ ପଦରେ ପଢ଼ିପାରୁ । ଫାରୂଶୀମାନଙ୍କ ପ୍ରଶ୍ନ ଥିଲା ଯେକୌଣସି କାରଣରୁ ଆପଣା ସ୍ତ୍ରୀ କ ପରିତ୍ୟାଗ କରିବା କଅଣ ନ୍ୟାୟ ସଙ୍ଗତ ? ସେ ଉତ୍ତର ଦେଲେ, ତୁମ୍ଭେମାନେ କଅଣ ପାଠ କରିନାହଁ ଯେ, ସୃଷ୍ଟିକର୍ତ୍ତା ସେମାନଙ୍କୁ ପୁରୁଷ ଓ ସ୍ତ୍ରୀ କରି ସୃଷ୍ଟି କଲେ ଆଉ କହିଲେ, ଏହି କାରଣରୁ ପୁରୁଷ ପିତାମାତାଙ୍କୁ ପରିତ୍ୟାଗ କରି ନିଜ ସ୍ତ୍ରୀଠାରେ ଆସକ୍ତ ହେବ, ଆଉ ସେ ଦୁହେଁ ଏକାଙ୍ଗ ହେବେ । ଏଣୁ ଏମାନେ ଆଉ ଦୁଇ ନୁହନ୍ତି, କିନ୍ତୁ ଏକାଙ୍ଗ ଅଟନ୍ତି । ଅତଏବ ଈଶ୍ୱର ଯାହା ସଂଯୁକ୍ତ କରିଅଛନ୍ତି, ମନୁଷ୍ୟ ତାହା ବିଭିନ୍ନ ନ କରୁ ।" ( ମାଥିଉ ୧୯ : ୩-୬ ) ସ୍ତ୍ରୀ ଓ ପୁରୁଷ ବିବାହ ଦ୍ୱାରା ସଂଯୁକ୍ତ କରି ଏକ କରାଯାଇଥିବାରୁ ସେମାନଙ୍କ ଆଜୀବନ ଏକତ୍ର ଜୀବନ ଯାପନ କରିବା ଈଶ୍ୱରଙ୍କ ଯୋଜନା ଅଟେ । ଈଶ୍ୱର ଯାହା ସଂଯୁକ୍ତ କରିଅଛନ୍ତି, ମନୁଷ୍ୟ ତାହା ବିଭିନ୍ନ ନ କରୁ ।

ସ୍ୱାମୀ ଓ ସ୍ତ୍ରୀଙ୍କ ବ୍ୟତୀତ ଆଉ କେଉଁମାନଙ୍କୁ ଈଶ୍ୱର ସଂଯୁକ୍ତ କରିଅଛନ୍ତି ବୋଲି ବାକ୍ୟ କହେ ! ପିତା ପରମେଶ୍ୱର, ପୁତ୍ର ଯୀଶୁଖ୍ରୀଷ୍ଟ ଓ ପବିତ୍ର ଆତ୍ମା ଏକ ଅଟନ୍ତି ବୋଲି ଆମେ ଯୋହନ

୧୦ : ୩୦ ପଦରେ ପଢ଼ିପାରୁ । ପ୍ରେରିତ ଯୋହନଙ୍କ ଲିଖିତ ସୁସମାଚାରର ଏହି ବାକ୍ୟଦ୍ୱାରା ଆରମ୍ଭ ହୁଏ ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ । ଆଉ ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ, ଆଉ ପିତାଙ୍କ ଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ୍ୟ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ ।" ( ଯୋହନ ୧ ; ୧, ୧୪ ) ଈଶ୍ୱରତ୍ୱରେ ପବିତ୍ର ଆତ୍ମା ଏକ ବ୍ୟକ୍ତିତ୍ୱ ଅଟନ୍ତି ( ପ୍ରେରିତ ୧୭ ; ୨୯, ରୋମୀୟ ୧ : ୨୦, କଲସୀ ୨ . ୯ ) "ଆତ୍ମା ସ୍ପଷ୍ଟ ରୂପେ କହୁ ଅଛନ୍ତି ।" ( ୧ମ ତୀମଥି ୪ : ୧ ) ଏହି ବାକ୍ୟ ପବିତ୍ର ଆତ୍ମାଙ୍କ ଈଶ୍ୱରତ୍ୱ ବିଷୟରେ ସାକ୍ଷ୍ୟ ଦିଏ । ପ୍ରେରିତମାନଙ୍କ କାର୍ଯ୍ୟର ବିବରଣର ୫ମ ଅଧ୍ୟାୟରେ ଲେଖା ହନନୀୟ ଓ ତାହାଙ୍କ ସ୍ତ୍ରୀଙ୍କ କାହାଣୀ ପଢ଼ିପାରୁ । ୩ୟ ପଦରେ ସେମାନଙ୍କୁ ପିତର କହନ୍ତି "ହେ ହନନୀୟ ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିବାକୁ ଓ ଭୂମିର ମୂଲ୍ୟ କିଛି ଲୁଚାଇ ରଖିବାକୁ କାହିଁକି ଶୟତାନ ତୁମ୍ଭ ହୃଦୟ ସମ୍ପୂର୍ଣ୍ଣ ଅଧିକାର କରିଅଛି ?" ଏବଂ ତତ୍ପରବର୍ତ୍ତୀ ପଦରେ କହନ୍ତି 'ତୁମ୍ଭେ ଯେ ମନୁଷ୍ୟ ନିକଟରେ ମିଥ୍ୟା କହିଲ ତାହା ନୁହେଁ, ମାତ୍ର ଈଶ୍ୱରଙ୍କ ନିକଟରେ ମିଥ୍ୟା କହିଲ ।" ଏହି ଦୁଇ ପଦରୁ ପବିତ୍ର ଆତ୍ମା ଓ ଈଶ୍ୱର ଏକ ଓ ଅଭିନ୍ନ ବୋଲି ପ୍ରମାଣିତ ହୁଏ । ଏହି କାରଣରୁ ପ୍ରଭୁ ଯୀଶୁ ଖ୍ରୀଷ୍ଟ ପିତା ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ମନୁଷ୍ୟମାନଙ୍କୁ ବାପ୍ତିଜିତ କରିବା ନିମନ୍ତେ ଆପଣା ଶିଷ୍ୟମାନଙ୍କୁ ଆଜ୍ଞା ଦେଇ ଥିଲେ । ( ମାଥିଉ ୨୮ : ୧୯ ) । ଦୈହିକ ତ୍ରିତନୋକ୍ତି ଈଶ୍ୱରତ୍ୱଙ୍କ ଏକତ୍ୱର ସମ୍ମିଳନ ହୋଇଥିବାରୁ ପିତାପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ଆମ୍ଭେମାନେ ବାପ୍ତିଜିତ ହେବା ନିମନ୍ତେ ଆଜ୍ଞାପିତ ହୋଇଅଛୁ ।

[illegible] ଖ୍ରୀଷ୍ଟ ତାହାଙ୍କ ରକ୍ତ ଓ ତାହାଙ୍କ ସ୍ଥାପିତ ମଣ୍ଡଳୀ ସଂଯୁକ୍ତ କରିଅଛନ୍ତି । ମାଥିଉ ୧୬ : ୧୮ ପଦରେ "ମୁଁ ଆପଣା ମଣ୍ଡଳୀ ତୋଳିବି" ବୋଲି ପ୍ରଭୁ ଯୀଶୁ ପ୍ରତିଶ୍ରୁତି ଦେଇଥିଲେ ମଣ୍ଡଳୀ

ଯୀଶୁଖ୍ରୀଷ୍ଟଙ୍କ ଶରୀର ଓ ଖ୍ରୀଷ୍ଟ ମଣ୍ଡଳୀର ମସ୍ତକ ବୋଲି ଏଫିସୀ ୧ : ୨୨-୨୩ ଓ କଲସୀ ୧ : ୧୮ ପଦ ସୁସ୍ପଷ୍ଟ କରେ । "ଆଉ ଯେଉଁ ମଣ୍ଡଳୀକି ଈଶ୍ୱର ଆପଣା ନିଜ ରକ୍ତରେ କ୍ରୟ କରି ଅଛନ୍ତି" (ପ୍ରେରିତ ୨୦ : ୨୮) । ଆମ୍ଭମାନଙ୍କ ପାପକ୍ଷମା ନିମନ୍ତେ ଖ୍ରୀଷ୍ଟଙ୍କ ରକ୍ତ ପାତିତ ହୋଇଥିଲା । (ମାଥିଉ ୨୬ : ୨୮, ୧ମ ପିତର ୧ : ୧୮-୨୦) । ତାହାଙ୍କ ରକ୍ତ ଦ୍ୱାରା ଧୌତ ହୋଇଥିବା ଲୋକେ ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ କରାଯାଇ ଅଛନ୍ତି । (ପ୍ରେରିତ ୨ : ୪୭) ତାହାଙ୍କ ଦ୍ୱାରା କ୍ରୀତ ମଣ୍ଡଳୀ ତାହାଙ୍କ ସହିତ ସଂଯୁକ୍ତ କରାଯାଇ ଅଛି । ଅତଏବ, ତାହାଙ୍କ ରକ୍ତ ଦ୍ୱାରା ଧୌତ ପ୍ରତ୍ୟେକ ତାହାଙ୍କ ସ୍ଥାପିତ ମଣ୍ଡଳୀରେ ସଂଯୁକ୍ତ ହୋଇ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ ହୁଅନ୍ତି । ଏହିପରି ସଂଯୁକ୍ତ ହେବା ଖ୍ରୀଷ୍ଟିୟାନମାନଙ୍କୁ ମନୁଷ୍ୟ ବିଭକ୍ତ ନ କରୁ ଅତଏବ, ଯେଉଁମାନେ ତାହାଙ୍କ ରକ୍ତ କ୍ରୀତ ମଣ୍ଡଳୀର ଅନ୍ତର୍ଭୁକ୍ତ ନୁହନ୍ତି, ସେମାନେ ପ୍ରକୃତ ଖ୍ରୀଷ୍ଟିୟାନ ନୁହନ୍ତି ।

ବିଶ୍ୱାସ, ମନପରିବର୍ତ୍ତନ, ସ୍ୱୀକାର, ବାପ୍ତିସ୍ମ ଓ ପରିତ୍ରାଣକୁ ପରମେଶ୍ୱର ସଂଯୁକ୍ତ କରିଅଛନ୍ତି । ମାର୍କ ୧୬ : ୧୬ ପଦରେ, ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ କୁହାଯାଇ ଅଛି । (ପ୍ରେରିତ ୨ : ୩୮ ରେ ପାପକ୍ଷମା ନିମନ୍ତେ ବିଶ୍ୱାସ କରି ପ୍ରେରିତ ପିତର ଉପସ୍ଥିତ ଜନତାକୁ ଆଜ୍ଞା ଦେଇଥିଲେ । ଫିଲିପଙ୍କ ଦ୍ୱାରରେ ବିଶ୍ୱାସ କରିଥିବା କୁଶଦେଶୀୟ ନପୁଂସକ, ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବା ପରେ ଫିଲିପଙ୍କ ଦ୍ୱାରା ବାପ୍ତାଇଜିତ ହୋଇଥିଲେ । (ପ୍ରେରିତ ଅଷ୍ଟମ ଅଧ୍ୟାୟ) । ଫିଲିପ ଓ ନପୁଂସକ ଜଳାଶୟ ମଧ୍ୟକୁ ଓହ୍ଲାଇ ଯାʼନ୍ତେ, ଫିଲିପ ତାହାଙ୍କୁ ବାପ୍ତିସ୍ମ ଦେଇଥିଲେ । ଏହି ଅନୁଗ୍ରହ ଯୁଗରେ ପରମେଶ୍ୱର ବିଶ୍ୱାସ, ମନ-ପରିବର୍ତ୍ତନ, ସ୍ୱୀକାର, ବାପ୍ତିସ୍ମ ଓ ପରିତ୍ରାଣକୁ ଏକକୁ ଆରେକ ସଂଯୁକ୍ତ କରିଅଛନ୍ତି । ପରିତ୍ରାଣ ପ୍ରାପ୍ତି ନିମନ୍ତେ ଜଣେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଆପଣା ପାପରୁ ମନପରିବର୍ତ୍ତନ ଖ୍ରୀଷ୍ଟଙ୍କ ସ୍ୱୀକାର କରି ବାପ୍ତିସ୍ମ ନେବା ଆବଶ୍ୟକ । (ମାଥିଉ ୨୮ : ୧୯) ଏହିପରି ପରମେଶ୍ୱରଙ୍କ ଦ୍ୱାରା ସଂଯୁକ୍ତ ବିଷୟ ମନୁଷ୍ୟ ବିଭକ୍ତ ନ କରୁ ।

ଏବ୍ରୀ ୯ : ୨୭ ପଦାନୁଯାୟୀ ପରମେଶ୍ୱର ମୃତ୍ୟୁ ଓ ବିଚାରକୁ ସଂଯୁକ୍ତ କରିଅଛନ୍ତି । "ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର, ଆଉ ତାହା ପରେ ବିଚାର ନିରୂପିତ ଅଛି । ମନୁଷ୍ୟ ଜୀବନ କ୍ଷଣ ଭଙ୍ଗୁର ମନୁଷ୍ୟ ନିମନ୍ତେ ମୃତ୍ୟୁ ଯେପରି ସୁନିଶ୍ଚିତ । ପ୍ରେରିତ ୧୭ : ୩୦, ୩୧ ପଦାନୁଯାୟୀ ପିତାପରମେଶ୍ୱର ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ସମସ୍ତ ମାନବ ଜାତିର ବିଚାର କରିବେ । ଯେ ମୋତେ ଅଗ୍ରାହ୍ୟ କରେ ଓ ମୋହର ବାକ୍ୟ ଗ୍ରହଣ କରେ ନାହିଁ, ତାହାର ବିଚାର କର୍ତ୍ତା ଅଛି । ମୁଁ ଯେଉଁ ବାକ୍ୟ କହିଅଛି, ତାହା ଶେଷଦିନରେ ତାହାର ବିଚାର କରିବ ।" [ ଯୋହନ ୧୨ : ୪୮ ] ସେହି ବିଚାର ଦିନ ନିମନ୍ତେ ଆପଣ କି ପ୍ରସ୍ତୁତ ଅଛନ୍ତି ? ଯେଉଁସବୁ ବିଷୟ ପରମେଶ୍ୱର ସଂଯୁକ୍ତ କରିଅଛନ୍ତି, ଆପଣ କି ତାହା ବିଚ୍ଛିନ୍ନ କରିଅଛନ୍ତି ? ଆସ ଆମ୍ଭେମାନେ ତାହାଙ୍କ ବିଚାର ଦିନ ନିମନ୍ତେ ଆପଣା ଆପଣାକୁ ପ୍ରସ୍ତୁତ କରୁ ।

—J. C. Choate

—o—

## 'ହେଇ ଦେଖ ତୁମ୍ଭମାନଙ୍କର ପରମେଶ୍ୱର'
## ( Behold Your God )

ହେ ସିୟୋନ ନିକଟରେ ସୁସମାଚାର ପ୍ରଚାରକାରିଣୀ, ତୁମ୍ଭେ ଉଚ୍ଚ ପର୍ବତକୁ ଯାଅ । ହେ ଯିରୂଶାଲମ ନିକଟରେ ସୁସମାଚାର ପ୍ରଚାରକାରିଣୀ ତୁମ୍ଭେ ବଳରେ ଉଚ୍ଚୈଃସ୍ୱର କର, ଉଚ୍ଚୈଃସ୍ୱର କର, ଭୟ କର ନାହିଁ, ଯିହୁଦା ନଗର ସମୂହକୁ କୁହ, ହେଇ ତୁମ୍ଭମାନଙ୍କ ପରମେଶ୍ୱର । ( ଯିଶାଇୟ ୪୦ : ୯ ) ଆପଣା ପରିଚିତ ପ୍ରତ୍ୟେକ ମନୁଷ୍ୟକୁ ପ୍ରତ୍ୟେକ ଖ୍ରୀଷ୍ଟିୟାନ ହେଇ ଦେଖ ତୁମ୍ଭମାନଙ୍କର ପରମେଶ୍ୱର'ର ବାର୍ତ୍ତା ପ୍ରସାର କରିବା ଆବଶ୍ୟକ । ଖ୍ରୀଷ୍ଟିୟାନ ଆମ୍ଭମାନଙ୍କ ମହାନ୍ ପରମେଶ୍ୱରଙ୍କ ବିଷୟରେ ଅନ୍ୟମାନଙ୍କୁ ଜ୍ଞାତ କରିବା ନିମନ୍ତେ ଆଜ୍ଞାପିତ ହୋଇଅଛୁ ।

### ପରମେଶ୍ୱରଙ୍କ ଶକ୍ତି ଓ ମହାନତା ଜ୍ଞାତ ହୁଅ :

"ଦେଖ, ପ୍ରଭୁ ସଦାପ୍ରଭୁ ପରାକ୍ରମୀର ତୁଲ୍ୟ ଆସିବେ ଓ ତାହାଙ୍କର ବାହୁ ତାହାଙ୍କ ପାଇଁ କର୍ତ୍ତୃତ୍ୱ କରିବ, ଦେଖ ତାହାଙ୍କ ସଙ୍ଗେ ତାହାଙ୍କର ପୁରସ୍କାର ଅଛି ଓ ତାହାଙ୍କ ଅଗ୍ରେ ତାହାଙ୍କର ପ୍ରତିଫଳ ଅଛି । ( ଯିଶାଇୟ ୪୦ : ୧୦ ) ପରମେଶ୍ୱରଙ୍କ ବଳବନ୍ତ ହସ୍ତ ବିରୁଦ୍ଧରେ କୌଣସି ହସ୍ତ ଠିଆ ହୋଇ ପାରିବ ନାହିଁ । ତାହାଙ୍କ ବଳବନ୍ତ ହସ୍ତ ତାହାଙ୍କ ଆଜ୍ଞାବହମାନଙ୍କୁ ଆଶୀର୍ବାଦ କରେ ଶତ୍ରୁମାନଙ୍କୁ ବିନାଶ କରେ । ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ପୁରସ୍କାର ତାହାଙ୍କ ହସ୍ତରେ ଅଛି ।

### ପରମେଶ୍ୱରଙ୍କ ଦୟା ଓ ବାତ୍ସଲ୍ୟତା ଜ୍ଞାତ ହୁଅ :

"ସେ ମେଷପାଳକ ପରି ଆପଣା ପଲ ଚରାଇବେ, ମେଷଛୁଆମାନଙ୍କୁ ସେ ଆପଣା ବାହୁରେ ସଂଗ୍ରହ କରିବେ ଓ ଆପଣା କୋଳରେ ସେମାନଙ୍କୁ ବହି ନେବେ, ଆଉ ଦୁଗ୍ଧଦାୟୀମାନଙ୍କୁ ଧୀରେ ଧୀରେ ଚଳାଇବେ । ( ଯିଶାଇୟ ୪୦ : ୧୧ ) ମେଷପାଳକ ଯେପରି ଆପଣା ମେଷମାନଙ୍କୁ ଲାଳନପାଳନ କରେ, ସଦାପ୍ରଭୁ ପରମେଶ୍ୱର ଆପଣା ଭକ୍ତମାନଙ୍କୁ ଲାଳନପାଳନ କରନ୍ତି । ସନ୍ତାନମାନଙ୍କ ଦୁଃଖ କଷ୍ଟ, କ୍ଲେଶ ସମୟରେ ପିତା ପରମେଶ୍ୱର ଆପଣା ପ୍ରେମମୟ କୋଳରେ ସେମାନଙ୍କୁ କୋଳ କରି ସୁରକ୍ଷା କରନ୍ତି ।

### ଦେଖ ତାହାଙ୍କ ଅସୀମ ଜ୍ଞାନ ଓ ବୁଦ୍ଧି :

"କିଏ ଆପଣା ହସ୍ତର ପୋଷରେ ଜଳରାଶି ମାପି ଅଛନ୍ତି, ଓ ବିଖଣ୍ଡ ଦ୍ୱାରା ଆକାଶମଣ୍ଡଳର ପରିମାଣ କରିଅଛନ୍ତି ଓ ଗୌଣୀରେ ପୃଥିବୀର ଧୂଳିସବୁ ଭରିଅଛନ୍ତି, ପର୍ବତଗଣକୁ ନିକ୍ତିରେ ଓ ଉପପର୍ବତକୁ ତରାଜୁରେ ତୌଲି ଅଛନ୍ତି ? ସଦାପ୍ରଭୁଙ୍କର ଆତ୍ମାକୁ କିଏ ଆଦେଶ ଦେଇଅଛନ୍ତି, ଅବା ମନ୍ତ୍ରୀ ହୋଇ କିଏ ତାହାଙ୍କୁ ଶିକ୍ଷା ଦେଇଅଛନ୍ତି ? ସେ କାହାର ସହିତ ମନ୍ତ୍ରଣା କଲେ । କିଏ ତାହାଙ୍କୁ ଶିକ୍ଷା ଦେଲା ଓ ବିଚାରର ପଥ ତାହାଙ୍କୁ ଶିଖାଇଲା ଓ ଜ୍ଞାନ ଶିକ୍ଷା ଦେଲା ଓ ବିବେଚନାର ମାର୍ଗ ତାହାଙ୍କୁ ଦେଖାଇଲା ? ଦେଖ, ଗୋଷ୍ଠୀମାନେ କଳସର

ଜଳବିନ୍ଦୁ ପରି ଓ ନିକିତିର ଧୂଳି କଣିକା ତୁଲ୍ୟ ଗଣ୍ୟ ଅଟନ୍ତି, ଦେଖ ସେ ଦ୍ୱୀପ ସମୂହକୁ ଅତି କ୍ଷୁଦ୍ର ଦ୍ରବ୍ୟ ତୁଲ୍ୟ ଉଠାନ୍ତି । ପୁଣି, ଲିବାନୋନ ଜାଳପାଇଁ ଓ ତହିଁର ପଶୁଗଣ ହୋମ ବଳି ପାଇଁ ଯଥେଷ୍ଟ ନୁହନ୍ତି । ସର୍ବଦେଶୀୟମାନେ ତାହାଙ୍କ ସମ୍ମୁଖରେ ଅବସ୍ତୁ ମାତ୍ର, ସେମାନେ ତାହାଙ୍କ ନିକଟରେ ଅବସ୍ତୁର ଲଘୁ ଓ ଅସାର ଗଣ୍ୟ ଅଟନ୍ତି । ( ଯିଶାଇୟ ୪୦ : ୧୨-୧୭ ) ଏହି ବାକ୍ୟ ପରମେଶ୍ୱରର ଅସୀମ ଜ୍ଞାନ ଓ ବୁଦ୍ଧି ସୁସ୍ପଷ୍ଟ କରେ । ମନୁଷ୍ୟ ଦୁର୍ବଳ ହୋଇପାରେ, ଦେଶ ଦୁର୍ବଳ ହୋଇପାରେ, କିନ୍ତୁ ଆମ୍ଭମାନଙ୍କ ପରମେଶ୍ୱର ଶକ୍ତିଶାଳୀ ଅଟନ୍ତି । ତାହାଙ୍କ ଜ୍ଞାନ ଆମ୍ଭମାନଙ୍କ ଜ୍ଞାନ ଠାରୁ ଅଧିକ ।

**ଦେଖ ସେହି ପୂଜନୀୟ ବ୍ୟକ୍ତି :**

ତେବେ ତୁମ୍ଭେମାନେ କାହା ସଙ୍ଗେ ପରମେଶ୍ୱରଙ୍କୁ ତୁଳନା କରିବ ? ଆଉ କେଉଁ ମୂର୍ତ୍ତିକି ତାହାଙ୍କ ସଦୃଶ କରିବ ? ଶିଳ୍ପକର ପ୍ରତିମା ଗୁଣ୍ଠରେ ଢାଳେ ଓ ସ୍ୱର୍ଣ୍ଣକାର ସୁବର୍ଣ୍ଣରେ ତାହା ମଣ୍ଡନ କରେ ଆଉ ତହିଁ ନିମନ୍ତେ ରୂପା ଜଞ୍ଜିର ପ୍ରସ୍ତୁତ କରେ । ଯେଉଁ ଲୋକ ଏହି ପ୍ରକାରେ ଉପହାର ପାଇଁ ଅତି ଦରିଦ୍ର ସେ ଆପଣା ନୌତ୍ରସି କାଷ୍ଠ ମନୋନୀତ ନିର୍ମାଣ କରିବା ପାଇଁ ଜଣେ ନିପୁଣ ଶିଳ୍ପକରର ଅନ୍ୱେଷଣ କରେ । ତୁମ୍ଭେମାନେ କି ଜାଣି ନାହଁ ? ତୁମ୍ଭେମାନେ କି ଶୁଣି ନାହଁ ? ଆଦ୍ୟକାଳରୁ କି ତୁମ୍ଭମାନଙ୍କୁ ଜ୍ଞାତ କରାଯାଇ ନାହିଁ ? ପୃଥିବୀର ପତ୍ତନଠାରୁ କି ତୁମ୍ଭେମାନେ ବୁଝି ନାହଁ ? ସେ ଭୂମଣ୍ଡଳର ଊର୍ଦ୍ଧ୍ୱରେ ଉପବିଷ୍ଟ ଓ ତନ୍ନିବାସୀଗଣ ଫଡ଼ିଙ୍ଗା ସ୍ୱରୂପ, ସେ ଚନ୍ଦ୍ରାତପ ତୁଲ୍ୟ ଆକାଶମଣ୍ଡଳ ପ୍ରସାରନ୍ତି, ପୁଣି ବସତି ନିମନ୍ତେ ତମ୍ବୁ ତୁଲ୍ୟ ତାହା ବିସ୍ତାରନ୍ତି । ସେ ଭୂପତିମାନଙ୍କୁ ଅକିଞ୍ଚିତ କରନ୍ତି । ସେ ପୃଥିବୀର ବିଚାରକର୍ତ୍ତାମାନଙ୍କୁ ଅବସ୍ତୁବତ୍ କରନ୍ତି । ହଁ, ସେମାନେ ରୋପିତ ହୋଇ ନାହାନ୍ତି, ହଁ ସେମାନେ ବୁଣାଯାଇ ନାହାନ୍ତି । ହଁ ସେମାନଙ୍କ ଉପରେ ଫୁଙ୍କ ଦିଅନ୍ତି, ତହିଁରେ ସେମାନେ ଶୁଷ୍କ ହୁଅନ୍ତି ଓ ଘୂର୍ଣ୍ଣିବାୟୁ ନଡ଼ାପରି ସେମାନଙ୍କୁ ଉଡ଼ାଇ ନିଏ । ଏହେତୁ ସେହି ଧର୍ମସ୍ୱରୂପ କହନ୍ତି, ଆମ୍ଭେ ଯାହାର ସମାନ ହୋଇ ପାରିବୁ ଏପରି କାହା ସଙ୍ଗରେ ତୁମ୍ଭେମାନେ ଆମ୍ଭର ଉପମା

ଦେବ ? ଊର୍ଦ୍ଧ୍ୱ ଦୃଷ୍ଟି କରି ଦେଖ, ଏ ସମସ୍ତଙ୍କୁ କିଏ ସୃଷ୍ଟି କରି ଅଛନ୍ତି ? ସେ ସୈନ୍ୟ ସମୂହରେ ବ୍ୟାପ୍ତି ସଂଖ୍ୟାନୁସାରେ ସେମାନଙ୍କୁ ବାହାର କରି ଆଣନ୍ତି, ସେ ସମସ୍ତଙ୍କର ନାମ ଧରି ସେମାନଙ୍କୁ ଡାକନ୍ତି; ତାହାଙ୍କ ପରାକ୍ରମର ମାହାତ୍ମ୍ୟ ଦ୍ୱାରା ଓ ଶକ୍ତିରେ ପ୍ରବଳ ହେବା ସକାଶୁ ସେମାନଙ୍କର ଗୋଟିଏ ହେଁ ଅନୁପସ୍ଥିତ ହୁଏ ନାହିଁ । ( ଯିଶାଇୟ ୪୦ : ୧୮–୨୬ ) ଶକ୍ତିଷ୍ଠ ମନୁଷ୍ୟ ଆପଣାକୁ ପରମେଶ୍ୱରଙ୍କ ସହିତ ସମାନ କରିବା ଅସମ୍ଭବ । ସ୍ୱର୍ଗବାସୀ ପରମେଶ୍ୱରଙ୍କ ସମ୍ମୁଖରେ ମନୁଷ୍ୟ କୀଟ ସ୍ୱରୂପ ଅଟେ । ଗୌରବମୟ ପରମେଶ୍ୱରଙ୍କ ଊର୍ଦ୍ଧ୍ୱ ଦୃଷ୍ଟି କରି ତାହାଙ୍କ ସମ୍ମୁଖରେ ଆପଣାକୁ ଅବନତ କରୁ ।

ମହାନ ପରମେଶ୍ୱର ସମ୍ମୁଖରେ ଆସ ଆମ୍ଭେମାନେ ଆହ୍ଲାଦିତ ହେଉଁ । ପରମେଶ୍ୱରଙ୍କ ଜ୍ଞାତ ହେବା ପ୍ରତ୍ୟେକେ ତାହାଙ୍କ ସୁସମାଚାର ଆହ୍ଲାଦ ହେବେ । ( ୧ମ କରିନ୍ଥୀ ୧୫ : ୧–୪, ମାର୍କ ୧୬ : ୧୬ ) । ପରମେଶ୍ୱରଙ୍କ ଆଡ଼େ ଊର୍ଦ୍ଧ୍ୱ ଦୃଷ୍ଟି କରି, ବିଶ୍ୱସ୍ତ ଜୀବନ ଯାପନ କରି ତାହାଙ୍କ ସନ୍ତୋଷ ଦାୟକ ଜୀବନ କରୁ ।

—Charles Box

—o—

## ମରିୟମଙ୍କ ସ୍ୱାମୀ ଯୋଷେଫ
## ( Joseph, Hasband of Mary )

ଯୀଶୁଖ୍ରୀଷ୍ଟଙ୍କ ମାତା ମରିୟମଙ୍କ ସ୍ୱାମୀ ଯୋଷେଫଙ୍କ ବ୍ୟକ୍ତିତ୍ୱ ବିଷୟରେ ବାଇବଲରେ ବିଶେଷ କିଛି ଲିଖିତ ହୋଇନାହିଁ । ତଥାପି ଲିଖିତ ଘଟଣାବଳୀରୁ ତାହାଙ୍କ ଚରିତ୍ରର କେତୋଟି ବିଶେଷତ୍ୱ ଆମ୍ଭେମାନେ ଜାଣିପାରୁ ।

## ଯୋଷେଫ ଜଣେ ମନୋନୀତ ବ୍ୟକ୍ତି ଥିଲେ :

ପବିତ୍ର ଆତ୍ମାଙ୍କ ଶକ୍ତିରେ ଗର୍ଭବତୀ ହେବା ପୂର୍ବେ କନ୍ୟା ମରିୟମଙ୍କର ଯୋଷେଫ ସହିତ ନିବନ୍ଧ ହୋଇଥିଲେ । ( ଲୂକ ୧ : ୨୭-୩୩ ) ଅର୍ଥାତ୍ ସଦାପ୍ରଭୁ ପରମେଶ୍ୱର ଆପଣା ପୁତ୍ରଙ୍କୁ ଏହି ଜଗତରେ ପ୍ରେରଣ କରିବା ନିମନ୍ତେ ମରିୟମଙ୍କୁ ମନୋନୀତ କରିବା ସଙ୍ଗେ ସଙ୍ଗେ ଯୋଷେଫଙ୍କୁ ମଧ୍ୟ ମନୋନୀତ କରିଥିଲେ । ଯେଉଁ ପରିବାରରେ ଯୀଶୁଖ୍ରୀଷ୍ଟ ଜନ୍ମ ହେବାକୁ ଯାଉଥିଲେ, ସେହି ପରିବାରର ମୁଖ୍ୟଙ୍କୁ ସେ ନିଶ୍ଚିତ ରୂପେ ପରମେଶ୍ୱରଙ୍କ ମନୋନୀତପାତ୍ର ଅଟନ୍ତି ।

## ଯୋଷେଫ ଜଣେ ଧାର୍ମିକ ବ୍ୟକ୍ତି ଥିଲେ :

ଏଥିରେ ତାଙ୍କ ସ୍ୱାମୀ ଯୋଷେଫ ଧାର୍ମିକ ଥିବାରୁ ଏବଂ ତାଙ୍କୁ ପ୍ରକାଶରେ ନିନ୍ଦାର ପାତ୍ର କରିବାକୁ ଇଚ୍ଛା ନ କରିବାରୁ ଗୋପନରେ ତାଙ୍କୁ ପରିତ୍ୟାଗ କରିବାକୁ ସ୍ଥିର କଲେ ।" । (ମାଥିଉ ୧ : ୧୯ )ସେ ନିଜେ ଧାର୍ମିକ ବ୍ୟକ୍ତି ଥିଲେ ତଥା ପବିତ୍ର, ଧାର୍ମିକ ସ୍ତ୍ରୀ ଭାର୍ଯ୍ୟା ରୂପେ ଗ୍ରହଣ କରିବାକୁ ସେ ଆକାଂକ୍ଷିତ ଥିଲେ ।

## ଯୋଷେଫ ଜଣେ ଦୟାଳୁ ବ୍ୟକ୍ତି ଥିଲେ :

ଦୟାଳୁ ହୃଦୟୀ ଯୋଷେଫ, ମରିୟମଙ୍କୁ ନିନ୍ଦାର ପାତ୍ର କରିବାକୁ ଇଚ୍ଛା ନକରି, ତାହାଙ୍କୁ ଗୋପନରେ ପରିତ୍ୟାଗ କରିବାକୁ ସ୍ଥିର କରିଥିଲେ ।

---

## ତାହାଙ୍କ ଆଜ୍ଞାବହତା :

କିନ୍ତୁ ସେ ଏହା ମନସ୍ଥକଲା ପରେ ଦେଖ, ପ୍ରଭୁଙ୍କର ଜଣେ ଦୂତ ସ୍ୱପ୍ନରେ ତାଙ୍କୁ ଦର୍ଶନଦେଇ କହିଲେ, ହେ ଦାଉଦଙ୍କ ସନ୍ତାନ ଯୋଷେଫ, ତୁମ୍ଭର ଭାର୍ଯ୍ୟା ମରିୟମଙ୍କୁ ଗ୍ରହଣ କରିବାକୁ ଭୟ କର ନାହିଁ, କାରଣ ତାଙ୍କର ଗର୍ଭ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ହୋଇଅଛି । ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ ।" ( ମାଥିଉ ୧ : ୨୦-୨୧ ) ଯୋଷେଫ ତାହାଙ୍କୁ ପ୍ରଦତ୍ତ ପ୍ରତ୍ୟେକ ଆଜ୍ଞାର ଆଜ୍ଞାବହ ହୋଇଥିଲେ ।

ଯୋଷେଫ ସମ୍ମୁଖୀନ କରିଥିବା ସମସ୍ୟା ଆଜି କୌଣସି ମନୁଷ୍ୟ ସମ୍ମୁଖୀନ ହୋଇ ନପାରିଲେ, ତଥାପି ଆମ୍ଭମାନଙ୍କ ଅନ୍ୟାନ୍ୟ ସମସ୍ୟାର ସମାଧାନ ନିମନ୍ତେ ଯୋଷେଫଙ୍କ ସଦୃଶ୍ୟ ଆମ୍ଭେମାନେ ଧାର୍ମିକ ଦୃଷ୍ଟାନ୍ତ ଆଜ୍ଞାବହ ହେବା ଆବଶ୍ୟକ ।

---

## ବେଥଲିହମ୍
## ( Bethlem )

ଏହା ଏକ ଐତିହାସିକ ନଗର । ବିଚାରକର୍ତ୍ତା ଇବସନ୍ ଯାହାଙ୍କର ତିରିଶି ପୁତ୍ର ଓ ତିରିଶି କନ୍ୟା ଥିଲେ ଏବଂ ଇଶ୍ରାଏଲର ସାତବର୍ଷ ବିଚାରକର୍ତ୍ତା ଥିଲେ । ଏହି ନଗରବାସୀ ଥିଲେ । ଏହା ରୂତ୍ ଓ ବୋୟଜଙ୍କ ପ୍ରେମ କାହାଣୀର ନଗର । ତାହାଙ୍କ ପ୍ରପୌତ୍ର ଦାଉଦ ଏହି ନଗରରେ ଆପଣା ପିତାଙ୍କ ମେଷପାଳନ କରି, ତତ୍ପରେ ଶାମୁୟେଲଙ୍କ ଦ୍ୱାରା ଇଶ୍ରାଏଲର ରାଜା ରୂପେ ଅଭିଷିକ୍ତ ହୋଇଥିଲେ ( ୧ମ ଶାମୁଏଲର ୧୬ ପର୍ବ )

୩୦୦ ବର୍ଷ ଧରି ଅତି ନଗନ୍ୟ ନଗରୀରେ ଏକ ବିଶିଷ୍ଟ ଘଟଣା ଘଟିବ ବୋଲି ଭାବବାଦୀ ମୀଖା ଭବିଷ୍ୟଦ୍‌ବାଣୀ ପ୍ରକଟ କରି କହିଲେ, ହେ, "ହେ-ବୈତଲେହେମ—ଇଫ୍ରାଥା ଯିହୁଦାର ସହସ୍ର ଗଣର ମଧ୍ୟରେ କ୍ଷୁଦ୍ର ଯେ ତୁମ୍ଭେ, ତୁମ୍ଭ ମଧ୍ୟରୁ ଇଶ୍ରାଏଲର ଶାସନକର୍ତ୍ତା ହେବା ନିମନ୍ତେ ଆମ୍ଭ ଉଦ୍ଦେଶ୍ୟରେ ଏକ ବ୍ୟକ୍ତି ହେବା ନିମନ୍ତେ ଆମ୍ଭ ଉଦ୍ଦେଶ୍ୟରେ ଏକ ବ୍ୟକ୍ତି ଉତ୍ପନ୍ନ ହେବେ, ପୁରାତନ କାଳରୁ ଅନାଦି କାଳରୁ ତାହାଙ୍କର ଉତ୍ପତ୍ତି । ମୀଖା ୫ : ୨ ) ।

ତତ୍ପର ସାତଶହ ବର୍ଷରେ ମଧ୍ୟ ବୈଥଲହିମ୍ କୌଣସି ବିଶିଷ୍ଟତା ପ୍ରାପ୍ତ ହୋଇ ନଥିଲା । ମୀଖାଙ୍କ ଭାବବାଣୀର ୭୦୦ ବର୍ଷ ପରେ, ନାଜରତ ନିବାସୀ ମରିୟମଙ୍କ ନିକଟରେ ମଶୀହଙ୍କ ଜନ୍ମ ଗାବ୍ରିଏଲ ଦୂତ ପ୍ରକଟ କରିଥିଲେ । ଏହି ନାଜରତ ବୈଥଲହିମ୍‌ରୁ ପ୍ରାୟ ୧୦୪ କି. ମି. ଉତ୍ତରରେ ଅବସ୍ଥିତ ଥିଲା ।

ଖ୍ରୀଷ୍ଟ ୨୨୪୦ କି: ମି: ଦୂରରେ ରୋମ ନଗରର ରାଜାଙ୍କ ମରିୟମ ଓ ଯୋଷେଫଙ୍କୁ ବେଥଲେହେମ ନଗରକୁ ନେଇଥିବାରୁ ବେଥଲେହେମ ନଗର ବିଷୟରେ ମୀଖାଙ୍କ ଭବିଷ୍ୟବାଣୀ ସଫଳ ହୋଇଥିଲା, ବାକ୍ୟ କହେ, "ସେ ସମୟରେ ସମସ୍ତ ସମାଜବାସୀଙ୍କ ନାମ ଲେଖା ଯିବା ନିମନ୍ତେ କାଇସର ଅଗଷ୍ଟଙ୍କଠାରୁ ଆଜ୍ଞା ଘୋଷଣା କରାଗଲା। ସୁରିଆର ଶାସନକର୍ତ୍ତା କ୍ୱିରୀଣିୟଙ୍କ ସମୟରେ ପ୍ରଥମଥର ଏହି ନାମ ଲେଖା ହୋଇଥିଲା। ସେଥିନିମନ୍ତେ ସମସ୍ତେ ନାମ ଲେଖାଇବା ପାଇଁ ଆପଣା ଆପଣା ନଗରକୁ ଯାଉଥିଲେ। ପୁଣି ଯୋଷେଫ ମଧ୍ୟ ନାମ ଲେଖାଇବା ନିମନ୍ତେ ମରିୟମଙ୍କ ସହିତ ଗାଲିଲୀର ନାଜରିତ ନଗରରୁ ଯିହୁଦା ପ୍ରଦେଶର ବେଥଲେହେମ ନାମକ ଦାଉଦଙ୍କ ନଗରକୁ ଗଲେ, କାରଣ ସେ ଦାଉଦଙ୍କ ବଂଶ ଓ ଗୋଷ୍ଠୀର ଲୋକ ଥିଲେ। ତାହାଙ୍କ ସହିତ ମରିୟମଙ୍କ ବିବାହ ନିର୍ବନ୍ଧ ହୋଇଥିଲା ଓ ସେ ଗର୍ଭବତୀ ଥିଲେ। ସେମାନେ ସେହିସ୍ଥାନରେ ଥିବା ସମୟରେ ତାଙ୍କର ପ୍ରସବକାଳ ଉପସ୍ଥିତ ହେଲା। ପୁଣି ସେ ଆପଣା ପ୍ରଥମଜାତ ପୁତ୍ର ପ୍ରସବ କଲେ ଏବଂ ତାହାଙ୍କୁ ଲୁଗାରେ ଗୁଡ଼ାଇ ଗୁହାଳ କୁଣ୍ଡରେ ଶୁଆଇଲେ, କାରଣ ବସାଘରେ ସେମାନଙ୍କ ପାଇଁ ସ୍ଥାନ ନ ଥିଲା।
(ଲୂକ ୨ : ୧-୭)

—Royce Federick

—o—

## ଯୀଶୁ କାହିଁକି ବାପ୍ତିଜିତ ହୋଇଥିଲେ ?

**( Why was Jesus Baptized ?**
**Math 3 : 13-15, 21 : 23-27 )**

ବାକ୍ୟ କହେ, 'ସେତେବେଳେ ଯୀଶୁ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ନିମନ୍ତେ ଗାଲିଲୀରୁ ଯର୍ଦ୍ଦନକୁ ଆସିଲେ। କିନ୍ତୁ ଯୋହନ ତାହାଙ୍କୁ ନିବାରଣ କରିବାକୁ ଚେଷ୍ଟା କରି କହିଲେ, ଆପଣଙ୍କ ଦ୍ୱାରା ବାପ୍ତିଜିତ ହେବା ମୋହର ପ୍ରୟୋଜନ ଆଉ ଆପଣ

ମୋ ନିକଟକୁ ଆସୁଅଛନ୍ତି ? ମାତ୍ର ଯୀଶୁ ତାଙ୍କୁ ଉତ୍ତର ଦେଲେ ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରରେ ସମସ୍ତ ଧର୍ମ କର୍ମ ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ ଅଟେ; ତେବେ ସେ ତାହାଙ୍କ କଥାରେ ସମ୍ମତ ହେଲେ।" (ମାଥିଉ ୩ । ୧୩-୧୫)।

(୧୨) ଯୀଶୁଖ୍ରୀଷ୍ଟ କାହିଁକି ବାପ୍ତିସ୍ମ ନେଇଥିଲେ ? ସେ କି କୌଣସି ପାପ କରିଥିଲେ, ଯଦ୍ଦ୍ୱାରା ତାହାଙ୍କୁ ପାପକ୍ଷମା ଆବଶ୍ୟକ ଥିଲା ? କାରଣ ବାଇବଲ ପାପକ୍ଷମା ନିମନ୍ତେ ବାପ୍ତିସ୍ମ ନେବା ଆବଶ୍ୟକ ବୋଲି ପ୍ରକଟିତ କରୁଅଛି (ପ୍ରେରିତ ୨ : ୩୮ ଓ ୨୨ : ୧୬) ଏବଂ ପ୍ରଭୁ ଯୀଶୁ ନିଜେ ମଧ୍ୟ ମାର୍କ ୧୬ : ୧୬ ପଦରେ କହନ୍ତି ଯେ ବିଶ୍ୱାସ କରି ବାପ୍ତିସ୍ମ ନେଲେ ସେ ପରିତ୍ରାଣ ପାଇବ, ତାହା ସ୍ପଷ୍ଟ ରୂପରେ ପିତରଙ୍କ ପତ୍ରରେ ବାପ୍ତିସ୍ମର ପ୍ରତିରୂପ ବାପ୍ତିସ୍ମ, ଅର୍ଥାତ୍ ଶରୀରର ମଳମଳିନତା ଦୂରୀକରଣ ନୁହେଁ, କିନ୍ତୁ ଈଶ୍ୱରଙ୍କ ନିକଟରେ ଶୁଦ୍ଧ ବିବେକ ପାଇବା ନିମନ୍ତେ ପ୍ରାର୍ଥନା ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦ୍ୱାରା ଏବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି । (୧ମ ପିତର ୩ : ୨୧)।

ପ୍ରେରିତ ପାଉଲ ଯୀଶୁଙ୍କ ବିଷୟରେ ଲେଖନ୍ତି, "ଯାହାଙ୍କ ପାପର ଲେଶମାତ୍ର ନ ଥିଲା" (୨ୟ କରନ୍ଥୀ ୫ : ୨୧) । "ସେ କୌଣସି ପାପ କରି ନ ଥିଲେ, କିଅବା ତାହାଙ୍କ ମୁଖରେ ଛଳ ପାଇ ନ ଥିଲା । (୧ମ ପିତର ୨ : ୨୨) ସେ ପାପରହିତ ହୋଇଥିବାରୁ ଆମ୍ଭମାନଙ୍କ ପରି ସର୍ବତୋଭାବରେ ପରୀକ୍ଷିତ ହେଲେ, "ତଥାପି ସେ ପାପକ୍ଷମା ନିମନ୍ତେ ବାପ୍ତିସ୍ମ ନେଇ ନ ଥିଲେ, ବରଂ ସେ ଈଶ୍ୱରଙ୍କ ଆଜ୍ଞା ଲଙ୍ଘନ କରି ପରୀକ୍ଷିତ ହୋଇଥିଲେ । କାରଣ ଆଜ୍ଞା ଲଙ୍ଘନ ହିଁ ପାପ ବୋଲି ୧ମ ଯୋହନ ୩ : ୪ ପଦରେ ପଢ଼ିଥାଉଁ । କିନ୍ତୁ ସେ ସର୍ବଦା ପିତା ପରମେଶ୍ୱରଙ୍କ ସନ୍ତୋଷଜନକ କାର୍ଯ୍ୟ କରନ୍ତି ବୋଲି ଆପଣା ବିଷୟରେ ଆପେ ସ୍ପଷ୍ଟ କହନ୍ତି । (ଯୋହନ ୮ : ୨୯) ସେ ଯଦି କୌଣସି ପାପ କରିଥାଆନ୍ତେ, ତାହାଙ୍କ ନିମନ୍ତେ ମଧ୍ୟ ଏକ ପରିତ୍ରାଣକର୍ତ୍ତାଙ୍କ ଆବଶ୍ୟକତା ହୋଇଥାନ୍ତା । ଯାହାଙ୍କର ପରିତ୍ରାଣକର୍ତ୍ତା ପ୍ରୟୋଜନ ସେ କିପରି ଅନ୍ୟକୁ ପରିତ୍ରାଣ କରିପାରିବେ ?

ଏହିସବୁ ପ୍ରଶ୍ନର ଉତ୍ତର ପ୍ରଭୁ ଆପେ, ବାପ୍ତିଜକ ଯୋହନଙ୍କୁ କହିଥିଲେ, 'ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ । ( ମାଥିଉ ୩ : ୧୫ ) । ମୁଁ ଯେ ବ୍ୟବସ୍ଥା କି ଭବବାଦୀମାନଙ୍କ ଧର୍ମଶାସ୍ତ୍ର ଲୋପ କରିବାକୁ ଆସିଅଛି । ଏହିପରି ଭାବନାହିଁ, ଲୋପ କରିବାକୁ ଆସି ନାହିଁ ବରଂ ସଫଳ କରିବାକୁ ଆସିଅଛି । ( ମାଥିଉ ୫ : ୧୭ )

"ଧାର୍ମିକ" ପଦ ୧ମ ଯୋହନ ୩ : ୭ରେ ବ୍ୟବହୃତ ହୁଏ, ଯାହା କହେ, ଯେ ଧର୍ମାଚରଣ କଲେ, ସେ ଯେପରି ଧାର୍ମିକ ଅଟନ୍ତି, ସେ ସେହିପରି ଧାର୍ମିକ ଅଟେ ।" ? ଅର୍ଥାତ୍ ପରମେଶ୍ୱରଙ୍କ ସଙ୍ଗେ ନ୍ୟାୟଯୁକ୍ତ ସତ୍‌ସମ୍ବନ୍ଧ ହାସଲ କରିବା । ଯୀଶୁଖ୍ରୀଷ୍ଟ କ ଧାର୍ମିକତାର ଏହିଗୁଣ ସଫଳ କରିଥିଲେ । ଭବିଷ୍ୟଦ୍‌ବକ୍ତା ଯିଶାଇୟ କହନ୍ତି, 'ସେ ଆପଣାର ପ୍ରାଣ ବେଦନାର ଫଳ ଦେଖି ତୃପ୍ତ ହେବେ, ଆମ୍ଭର ଧାର୍ମିକ ଦାସ ଆପଣାର ଜ୍ଞାନଦ୍ୱାରା ଅନେକଙ୍କୁ ଧାର୍ମିକ କରିବେ, ସେ ଆମ୍ଭମାନଙ୍କର ଅପରାଧ ବହିବେ ।" ( ଯିଶାଇୟ ୫୩ : ୧୧ ) ପାଉଲ ଆପଣା ବିଷୟରେ କହନ୍ତି, କାରଣ ଏବେ ହେଁ ମୋହର ପ୍ରାଣ ଆହୁତି ପରି ଢଳା ଯାଇଅଛି । ମୋହର ମହା ପ୍ରମାଣର ସମୟ ଉପସ୍ଥିତ ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି, ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି । ମୁଁ ବିଶ୍ୱାସ ରକ୍ଷା କରିଅଛି । ଅବଶିଷ୍ଟ ମୋ ନିମନ୍ତେ ଧର୍ମିକତାର ମୁକୁଟ ରଖା ଯାଇଅଛି । ତାହା ସେହି ମହାଦିନରେ ନ୍ୟାୟବାନ ବିଚାରକର୍ତ୍ତା ପ୍ରଭୁ ମୋତେ ଦେବେ, ପୁଣି କେବଳ ମୋତେ ନୁହେଁ, ଯେତେ ଲୋକ ତାହାଙ୍କ ଆଗମନକୁ ପ୍ରିୟ କରନ୍ତି, ସେ ସମସ୍ତଙ୍କୁ ଦେବେ ।" ( ୨ୟ ତୀମଥି ୪ : ୭-୮ ) ପାଉଲ ଆଥେନୀରେ ଉପସ୍ଥିତ ଜନତାକୁ କହିଥିଲେ । ସେ ଆପଣା ନିରୂପିତ ବ୍ୟକ୍ତିଙ୍କ ଦ୍ୱାରା ଧାର୍ମିକତାରେ ଜଗତର ବିଚାର କରିବେ ( ପ୍ରେରିତ ୧୭ : ୩୧ ) ଅଧାର୍ମିକ ବ୍ୟକ୍ତି ଠାରୁ ଧାର୍ମିକତାର ମୁକୁଟ କିପରି ଆଶା କରି ପାରିବା ? ଧାର୍ମିକ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ପାପ ନିମନ୍ତେ ମୃତ୍ୟୁଭୋଗିଲେ ବୋଲି ଆମ୍ଭେ ସୁସ୍ପଷ୍ଟଭାବେ ବାକ୍ୟରୁ ବୁଝିପାରୁ । ପ୍ରକୃତରେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଧାର୍ମିକ ଅଟନ୍ତି ।

ସେ ମନ୍ଦିରରେ ପ୍ରବେଶ କରି ଶିକ୍ଷା ଦେବା ସମୟରେ, ସେ କେଉଁ ଅଧିକାରରେ ମନ୍ଦିରରେ ଶିକ୍ଷା ଦେଉ ଅଛନ୍ତି ବୋଲି ଯାଜକମାନେ ଓ ପ୍ରାଚୀନମାନେ ପ୍ରଶ୍ନ କରିଥିଲେ । ଯୀଶୁ ସେମାନଙ୍କୁ କହିଲେ, 'ମୁଁ ମଧ୍ୟ ତୁମ୍ଭମାନଙ୍କୁ ଗୋଟିଏ କଥା ପଚାରିବି । ଯଦି ତୁମ୍ଭେମାନେ ମୋତେ ତାହା କହିବ, ତେବେ କେଉଁ ଅଧିକାରରେ ମୁଁ ଏହି ସମସ୍ତ କରୁଅଛି ତାହାମଧ୍ୟ ତୁମ୍ଭମାନଙ୍କୁ କହିବି ।" ଯୋହନଙ୍କ ବାପ୍ତିସ୍ମ କେଉଁଠାରୁ ହୋଇଥିଲା ? ସ୍ୱର୍ଗରୁ ନା ମନୁଷ୍ୟ ଠାରୁ ? ଏହିପ୍ରଶ୍ନ ଏମାନଙ୍କୁ ଉଦ୍‌ବିଗ୍ନ କରିଥିଲା । କାରଣ ଯୋହନଙ୍କ ବାପ୍ତିସ୍ମ ଯେ ସ୍ୱର୍ଗରୁ ଆଗତ ଏହା ସେମାନେ ଜ୍ଞାତଥିଲେ । (ମାଥିଉ ୨୧ : ୨୩-୨୭ ) ସ୍ୱର୍ଗରୁ ଆଗତ ଯୋହନଙ୍କ ବାପ୍ତିସ୍ମରେ ଯୀଶୁ ଖ୍ରୀଷ୍ଟ ବାପ୍ତାଇଜିତ ହୋଇ ନଥିଲେ । ଯାଜକ ଓ ପ୍ରାଚୀନମାନଙ୍କ ସମାଲୋଚନାର କାରଣ ହୋଇ ଥାʼନ୍ତେ ।

"ପରମେଶ୍ୱରଙ୍କ ଆଜ୍ଞାସକଳ ଧର୍ମମୟ" ବୋଲି ପ୍ରଧାନ ଯାଜକ ଓ ପ୍ରାଚୀନମାନେ ଜ୍ଞାତ ଥିବାରୁ ଧର୍ମକର୍ମ ସାଧନ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ ଯୋହନଙ୍କ ଦ୍ୱାରା ବାପ୍ତାଇଜିତ ହୋଇଥିଲେ । ( ମାଥିଉ ୩ : ୧୫ ) । ପ୍ରଭୁଙ୍କ ଆଜ୍ଞାପାଳନ ହିଁ ଧାର୍ମିକତା ଏବଂ ପ୍ରଭୁଯୀଶୁ ପିତାଙ୍କ ଇଚ୍ଛାନୁଯାୟୀ ଏହି ଜଗତରେ ସମସ୍ତ କାର୍ଯ୍ୟ ସାଧନ କଲେ । ( ଯୋହନ ୮ : ୨୯ )

—Jason Roberts.

—o—

## ଆଶୀର୍ବାଦ ପୂର୍ଣ୍ଣ ଖ୍ରୀଷ୍ଟିୟାନ ଜୀବନ
## ( Blessings of Being Christian )

ଖ୍ରୀଷ୍ଟିୟାନ ଜୀବନ ଭଳି ଆଶିଷ ପୂର୍ଣ୍ଣ ଜୀବନ ଆଉ କିଛି ନାହିଁ । ସେଥିସକାଶେ ଆମ୍ଭେମାନେ ସର୍ବଦା ତାହାଙ୍କୁ କୃତଜ୍ଞତା ପୂର୍ଣ୍ଣ ଧନ୍ୟବାଦ ଅର୍ପଣ କରିବା ଆବଶ୍ୟକ । "ଆମ୍ଭମାନଙ୍କ ପ୍ରଭୁ

ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ । ସେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରି ଅଛନ୍ତି, "( ଏଫିସୀ ୧ : ୩ ) । ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ଥାଆନ୍ତି, ସେମାନେ ହିଁ ତାହାଙ୍କ ଦତ୍ତ ଆଶିଷ ସକଳର ସହଭାଗୀ ହୁଅନ୍ତି । ତାହାଙ୍କ ଠାରେ ଥିବାର ଅର୍ଥ ତାହାଙ୍କ ଶରୀର ରୂପ ମଣ୍ଡଳୀରେ ଅନ୍ତର୍ଭୁକ୍ତ ହେବା । ଯେଉଁମାନେ ତାହାଙ୍କ ଶରୀର ରୂପ ଖ୍ରୀଷ୍ଟଙ୍କ ମଣ୍ଡଳୀର ସଭ୍ୟ ସେମାନେ ଖ୍ରୀଷ୍ଟିୟାନ ରୂପେ ପରିଚିତ । ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରାପ୍ତ ତାହାଙ୍କ ଆଶିଷ ସକଳ :—

**ପାପକ୍ଷମା :—**

ଏଫିସୀ ୧ : ୭ ବାକ୍ୟ କହେ, 'ତାହାଙ୍କ ଅନୁଗ୍ରହ ରୂପ ନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କ ଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧ ସବୁର କ୍ଷମା ପ୍ରାପ୍ତ ହୋଇଅଛୁ ବାପ୍ତିସ୍ମ ଦ୍ୱାରା ଖ୍ରୀଷ୍ଟିୟାନ ଆପଣା ପାପ ଧୌତ କରି ପାପର ଦାସତ୍ୱରୁ ମୁକ୍ତ ହୋଇଅଛୁ । ( ପ୍ରେରିତ ୨୨ : ୧୬ ) । ଗାଲାତୀ ୩ : ୨୭, ଏବଂ ଏଫିସୀ ୧ . ୨୩ ପଦାନୁଯାୟୀ ପାପରୁ ଧୌତ ଓ ନୂତନୀକୃତ ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସଂଯୁକ୍ତ କରାଯାଇ ଅଛନ୍ତି ।

**ଈଶ୍ୱର ଓ ଖ୍ରୀଷ୍ଟଙ୍କ ସହ ସହଭାଗିତା :—**

ମଣ୍ଡଳୀରେ ସଂଯୁକ୍ତ ଖ୍ରୀଷ୍ଟିୟାନ ଈଶ୍ୱରଙ୍କ ସହିତ ସମାଧାନ ପ୍ରାପ୍ତ ହୋଇ ତାହାଙ୍କ ସହଭାଗିତା ପାଇବାରେ ସୁଯୋଗ ପାଏ ।

ସପ୍ତାହର ପ୍ରଥମ ଦିବସରେ ପ୍ରଭୁଭୋଜରେ ଭାଗୀ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଖ୍ରୀଷ୍ଟଙ୍କ ସହିତ ସହଭାଗୀ ହେବାର ସୁଯୋଗ ପାଆନ୍ତି । ୧ମ କରନ୍ଥୀ ୧୦ : ୧୬ ପଦ କହେ, ଯେଉଁ ଆଶୀର୍ବାଦ କରୁ, ତାହା କି ଖ୍ରୀଷ୍ଟଙ୍କ ରକ୍ତର ସହଭାଗିତା ନୁହେଁ ? ଯେଉଁ ରୋଟୀ ଆମ୍ଭେମାନେ ଭାଙ୍ଗୁ, ତାହା କି ଖ୍ରୀଷ୍ଟଙ୍କ ଶରୀରର ସହଭାଗିତା ନୁହେଁ ?

ପ୍ରାର୍ଥନା ଦ୍ୱାରା ଆମ୍ଭେମାନେ ତାହାଙ୍କ ସହିତ ସହଭାଗିତା ପ୍ରାପ୍ତ ହୋଇପାରୁ । "ଅତଏବ ଆସ, କୃପାପ୍ରାପ୍ତି ନିମନ୍ତେ ପୁଣି ଉପଯୁକ୍ତ ସମୟରେ ଉପକାରକ ଅନୁଗ୍ରହ ପାଇବା ନିମନ୍ତେ ଆମ୍ଭେମାନେ ସାହସରେ ଅନୁଗ୍ରହ ସିଂହାସନ ନିକଟକୁ ଯାଉ ।" (ଏବ୍ରୀ ୪ : ୧୬) ।

## ପରମେଶ୍ୱରଙ୍କ ପରିବାର ସହିତ ସହଭାଗିତା :–

ମଣ୍ଡଳୀର ଭକ୍ତ ଭାଇ ଭଉଣୀଙ୍କ ସହଭାଗିତା ପ୍ରତ୍ୟେକ ଖ୍ରୀଷ୍ଟିୟାନ ଉପଭୋଗ କରିବାରେ ସୁଯୋଗ ପ୍ରାପ୍ତ ହୁଅନ୍ତି । ପ୍ରେରିତ ପାଉଲ ଗାଲାତୀ ମଣ୍ଡଳୀକୁ କହନ୍ତି 'ଅତଏବ, ସୁଯୋଗ ଅନୁସାରେ ସମସ୍ତଙ୍କର, ବିଶେଷତଃ ଏକ ପରିବାରଭୁକ୍ତ ବିଶ୍ୱାସୀ ସମସ୍ତଙ୍କର ମଙ୍ଗଳକରୁ । ଏକକୁ ଆରେକ ପ୍ରାର୍ଥନା, ପ୍ରେମ, ଦୟା, ସାହାଯ୍ୟ, ଉତ୍ସାହ ଦେବାରେ ସାହାଯ୍ୟ କରିବାରେ ସୁଯୋଗ ପାଇଥା'ନ୍ତି । ବାକ୍ୟ କହେ, ପୁଣି ପ୍ରେମ ଓ ସତ୍କର୍ମରେ ପ୍ରବର୍ତ୍ତାଇବା ନିମନ୍ତେ ପରସ୍ପର ବିଷୟରେ ମନୋଯୋଗ କରୁ ।" (ଏବ୍ରୀ ୧୦ : ୨୪) ।

## ପରମେଶ୍ୱରଙ୍କ ଲାଳନାର ଭାଗ୍ୟ ପ୍ରାପ୍ତହେଉ !

ଯଦି ଆମ୍ଭେମାନେ ପ୍ରଥମେ ତାହାଙ୍କ ରାଜ୍ୟ ଖୋଜି ପ୍ରଥମେ ଅନ୍ୱେଷଣ କରୁ, ସେ ଆମ୍ଭମାନଙ୍କ ସମସ୍ତ ଆବଶ୍ୟକତା ପୂରଣ କରିବେ ବୋଲି ଖ୍ରୀଷ୍ଟ ମାଥିଉ ୬ : ୩୩ ବାକ୍ୟରେ ସୁସ୍ପଷ୍ଟ କରନ୍ତି । "ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି ଏହା ଆମ୍ଭେମାନେ ଜାଣୁ ।" (ରୋମୀୟ ୮ : ୨୮ । ପିତା ପରମେଶ୍ୱର ଆମ୍ଭମାନଙ୍କ ପାଳକ ଓ ରକ୍ଷକ ଏହି ଭରସାରେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ନିଶ୍ଚିନ୍ତରେ ଏହି ଜଗତରେ ଜୀବନ ଯାପନ କରେ ।

## ଅନନ୍ତ ଜୀବନର ଭରସା :—

ଅନନ୍ତ ଜୀବନର ଭରସା ଖ୍ରୀଷ୍ଟିୟାନର ସର୍ବୋତ୍ତମ ଆଶୀର୍ବାଦ । "ଈଶ୍ବରଙ୍କ ମନୋନୀତ ଲୋକମାନେ ଅନନ୍ତ ଜୀବନର ଭରସା ପ୍ରାପ୍ତ ହୋଇ ·· ସେହି ଅନନ୍ତ ଜୀବନ ସତ୍ୟବାଦୀ ଇଶ୍ବର ଅନାଦିକାଳ ପୂର୍ବେ ପ୍ରତିଜ୍ଞା କରି ଯଥା ସମୟରେ ଆପଣା ବାକ୍ୟ ପ୍ରଚ୍ଚର ଦ୍ୱାରା ପ୍ରକାଶ କଲେ ·· ।" (ତିତସ ୧ : ୨) । ପ୍ରକାଶିତ ବାକ୍ୟ ୨୧ ଓ ୨୨ ଅଧ୍ୟାୟରେ ବର୍ଣ୍ଣିତ ସମସ୍ତ ସୌଭାଗ୍ୟ ପ୍ରତ୍ୟେକ ଖ୍ରୀଷ୍ଟିୟାନର ପରବର୍ତ୍ତୀ ଜୀବନ ନିମନ୍ତେ ସୁରକ୍ଷିତ ହୋଇଅଛି ।

ଖ୍ରୀଷ୍ଟଙ୍କ ଠାରେ ଆଶୀଷ ବହୁଳ । ଆସ ତାହାଙ୍କଠାରେ ଜୀବନ ଯାପନ କରି ତାହାଙ୍କ ଦତ୍ତ ଆଶୀଷ ସକଳର ସହଭାଗୀ ହେଉଁ ।

—-Keith Hinds

— ୦ —

ସ୍ୱକେଶ୍ୱରୀ ପ୍ରେସ, ନବରଙ୍ଗପୁର ।।

# BY WHAT AUTHORITY ?

**Luke 20:1-8**

**INTRODUCTION :**

1. Authority means power, dominion, reign, right, rule, and strength.
2. Jesus was questioned concerning his authority and he answered them according to their folly.
3. This should call to our minds the importance of doing what we do according to proper authority

**DISCUSSION :**

**I. Authority is very important.**

1. The people of the Government have authority.
2. Those who come from other countries to serve as Ambassadors have authority.
3. All office holders have authority.

**II. Jesus had authority.**

1. Had credentials.
   a. Born of the Virgin Mary.
   b. Fulfilled prophecies.
   c. Performed miracles (John 3:1-3)
   d. Was resurrected (1Corinthians 15:1-4)
   e. Returned to the father.
   f. Things written about him (John 20:30,31).
2. He spoke with authority (Matthew 7:29).
3. He spoke the word of God.
4. Given authority to execute judgment (John 5:26,27).
5. All authority given to him (Matthew 28:18).
6. When he delivers the kingdom to God then he shall lay down all authority (1Corinthians 15:24).

**III. We have no authority apart from Lord's authority.**

1. God hath spoken (Herbrews 1:1,2).
2. His word is final (1Peter 4:11).
3. No scripture is of private interpretation.

4. Not to add to God's word, subtract from it, or substitute for it (Rev. 22:18, 19; Gal. 1:6-9).
5. The Bible to be our only rule for all we do and teach.

## IV. By what authoriy do you do and teach the things you do ?

1. Denominations ?
2. Man-made names ?
3. Sprinkling ?
4. Titles ?
5. Worship ?

## CONCLUSION :

1. If you are doing or teaching something that is not by the authority of the Lord, then it is error.
2. Man's authority is not equal to the authority of the Lord.
3. Man may tell you that something is all right, but what does the Bible say ?
4. Be careful lest you be deceived.

**- J.C. Choate.**

---

From

**SATYA VANI**
**P.o. Box 80**
**KAKINADA - 533 001**

**Printed Book only**

**To**

(FOR PRIVATE CIRCULATION ONLY)